# NATIONAL NEWS BULLETIN (ODIA)

**21 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶରେ ବ୍ୟବହାର ହେଉଥିବା ଔଷଧର ଖରାପ ପ୍ରଭାବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାର ନିରୀକ୍ଷଣ ବ୍ୟବସ୍ଥାରେ ଭାରତ ଆତ୍ମନିର୍ଭରତା ହାସଲ କରିଛି, କହିଲେ କେନ୍ଦ୍ରମନ୍ତ୍ରୀ
- ଅସାଧୁ ଉପାୟରେ ଜାରି ମୋବାଇଲ୍ ସିମ୍ କାର୍ଡ, ଟେଲିକମ୍ ଚିହ୍ନଟକାରୀ ଓ ଆଇଏମ୍ଇଆଇ ନମ୍ବର ଜାଲିଆତିରୁ ସତର୍କ ରହିବା ଲାଗି ବ୍ୟବହାରକାରୀଙ୍କୁ ଦୂର ସଂଚାର ବିଭାଗ ପକ୍ଷରୁ ପରାମର୍ଶ
- ବୁଲା ପଶୁଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ ସଂପର୍କିତ ନିର୍ଦ୍ଦେଶକୁ ବିରୋଧ କରି ଦାୟର ଆବେଦନର ଶୁଣାଣି ନିମନ୍ତେ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ ଲାଗି ସୁପ୍ରିମକୋର୍ଟଙ୍କ ସମ୍ମତି
- ସୁଦାନରେ ଖଣି ଭୁଶୁଡ଼ିବା ଯୋଗୁଁ ୧୦ ଶ୍ରମିକ ମୃତ, ୨୧ ଗୁରୁତର

ଏବଂ

- ଏସୀୟ କ୍ରୀଡ଼ାର ୧୦ମିଟର ପୁରୁଷ ଏୟାର ରାଇଫଲ୍ ପ୍ରତିଯୋଗିତାରେ ଭାରତର ୨ଟି ପଦକ ହାସଲ

–ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ କ୍ରୀଡ଼ାମନ୍ତ୍ରୀ

---

## ଅନୁପ୍ରିୟା-ମେଡିସିନ୍

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି ବଜାରକୁ ଆସୁଥିବା ତଥା ବ୍ୟବହାର ହେଉଥିବା ଔଷଧର ଖରାପ ପ୍ରଭାବ

ଏବଂ ପାର୍ଶ୍ୱ ପ୍ରତିକ୍ରିୟା ନିରୀକ୍ଷଣ ଓ ମୂଲ୍ୟାଙ୍କନ କରିବା କ୍ଷେତ୍ରରେ ଭାରତର ଆତ୍ମନିର୍ଭରତା ଉଦାହରଣ ପାଲଟିଛି । ନୂଆଦିଲ୍ଲୀରେ ଆଜି ନ୍ୟାଶନାଲ୍ ଫାର୍ମୋଲରୀ ଅଫ୍ ଇଣ୍ଡିଆର ସପ୍ତମ ସଂସ୍କରଣର ଶୁଭାରମ୍ଭ କରି ସୁଶ୍ରୀ ପଟେଲ କହିଛନ୍ତି, ଦେଶରେ ଔଷଧର ଖରାପ ପ୍ରଭାବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାର ନିରୀକ୍ଷଣ ନିମନ୍ତେ ୧ ହଜାର ୧୦୦ରୁ ଅଧିକ କେନ୍ଦ୍ର କାର୍ଯ୍ୟ କରୁଛି । କେନ୍ଦ୍ର ସରକାର ଏହି ବ୍ୟବସ୍ଥାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସଂପ୍ରସାରଣ କରିବା ଉଦ୍ଦେଶ୍ୟରେ ପଦକ୍ଷେପ ନେଉଛନ୍ତି । ସେ କହିଛନ୍ତି ୨୦୧୪ରେ ଏହି କ୍ଷେତ୍ରରେ ଭାରତ ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସୂଚୀରେ ୧୨୩ତମ ସ୍ଥାନରେ ଥିବା ବେଳେ ବର୍ତ୍ତମାନ ଅଷ୍ଟମ ସ୍ଥାନରେ ରହିଛି । ସୁଶ୍ରୀ ପଟେଲ କହିଛନ୍ତି, ବିଶ୍ୱର ୨୫ଟି ଦେଶ ଭାରତୀୟ ଔଷଧ ସଂହିତାକୁ ମାନ୍ୟତା ଏବଂ ସ୍ୱୀକୃତି ପ୍ରଦାନ କରିଛନ୍ତି । ଲୋକମାନଙ୍କୁ କେବଳ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ବ୍ୟବହାର କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି ।

## ଟେଲିକମ୍ୟୁନିକେଶନ

ଦୂର ସଂଚାର ବିଭାଗ ପକ୍ଷରୁ ଅସାଧୁ ଉପାୟରେ ଜାରି କରାଯାଇଥିବା ସିମ୍‌କାର୍ଡ, ଟେଲିକମ୍ ଚିହ୍ନଟକାରୀଙ୍କ ଅପବ୍ୟବହାର ତଥା ଆଇ.ଏମ୍.ଇ.ଆଇ. ନମ୍ବର ଜାଲିଆତି କରିବା କ୍ଷେତ୍ରରେ ସତର୍କ ରହିବା ଲାଗି କୁହାଯାଇଛି । ବିଭାଗ ପକ୍ଷରୁ ନାଗରିକମାନଙ୍କୁ ନିଜ ନାମରେ ଜାରି କରାଯାଇଥିବା ସିମ୍‌କାର୍ଡକୁ ଅନ୍ୟକୁ ବ୍ୟବହାର କରିବା ଲାଗି ନ ଦେବାକୁ ପରାମର୍ଶ ଦେଇଛି । ଜାଲ୍ ଦସ୍ତାବିଜ୍ ଆଧାରରେ ସିମ୍‌କାର୍ଡ କ୍ରୟକୁ ମଧ୍ୟ ବିଭାଗ ପକ୍ଷରୁ ବାରଣ କରାଯାଇଛି । ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ସଂଚାର ସାଥୀ ପୋର୍ଟାଲ ଏବଂ ମୋବାଇଲ୍ ଆପ୍ ଜରିଆରେ ନିଜର

ମୋବାଇଲ୍ ସଂଯୋଗ ବିଷୟ ଯାଞ୍ଚ କରିବା ଲାଗି ପରାମର୍ଶ ଦିଆଯାଇଛି । ଏହି ପ୍ଲାଟଫର୍ମ ଜରିଆରେ ନିଜ ନାମରେ ଜାରି ହୋଇଥିବା ମୋବାଇଲ୍ ନମ୍ବର ଯାଞ୍ଚ କରିବା ସହ ଅଦରକାରୀ କିମ୍ବା ଅନ୍ୟ କାହାକୁ ଦିଆଯାଇଥିବା ସିମ୍‌କାର୍ଡ ବ୍ଲକ୍ କରିବାର ସୁବିଧା ରହିଛି ।

---

## ରାମ ମନ୍ଦିର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କ ପାଇଁ **ରାମମନ୍ଦିର-ସଭ୍ୟତାଗତ ଚେତନାର ପୁନର୍ଜାଗରଣ'** ଶୀର୍ଷକରେ କିଭଳି ରାମମନ୍ଦିର ନିର୍ମାଣ ଦୂରଦୃଷ୍ଟି ବାସ୍ତବ ରୂପ ନେଇଛି, ସେ ବିଷୟରେ ତଥ୍ୟ ଉପସ୍ଥାପନ କରୁଛୁ ।

୨୦୧୪ରେ କେନ୍ଦ୍ରରେ ସରକାର ପରିବର୍ତ୍ତନ ଏବଂ ୨୦୧୭ରେ ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ପ୍ରଭୁ ଶ୍ରୀରାମଙ୍କ ନଗରୀ ଅଯୋଧ୍ୟାର ରୂପାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଥିଲା । ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ସେଠାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ପଥ ଉନ୍ମୁକ୍ତ ହୋଇଥିଲା ।

ଦ୍ୱୀପୋତ୍ସବ ଭଳି ବୃହତ ପବିତ୍ର କାର୍ଯ୍ୟ ମାଧ୍ୟମରେ ଅଯୋଧ୍ୟାରେ ହଜିଯାଇଥିବା ସାଂସ୍କୃତିକ ଓ ଧାର୍ମିକ ଗୌରବ ପୁନଃସ୍ଥାପନ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣପ୍ରତିଷ୍ଠା ପରେ ଅଯୋଧ୍ୟାନଗରୀ ବିଶ୍ୱ ସ୍ତରରେ ଧାର୍ମିକ ପର୍ଯ୍ୟଟନ, ସନାତନ ସଂସ୍କୃତି ଓ ବିକାଶର ଏକ ପ୍ରତୀକ ଭାବେ ଉଭା ହୋଇଛି ।

ଭଗବାନ ରାମଙ୍କ ଏହି ସହରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ, ଯଦି ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେବ, ତେବେ ଆମମାନଙ୍କୁ ନିଜ ଭିତରେ ପ୍ରଭୁ ରାମଙ୍କ ମୂଲ୍ୟବୋଧକୁ ଜାଗ୍ରତ କରିବାକୁ ପଡ଼ିବ ।

**(V/O PM)**

ଅଯୋଧ୍ୟା ମହାନଗର ନିଗମର ମେୟର ଗିରିଶ ପତି ତ୍ରିପାଠୀ କହିଛନ୍ତି, ରାମ ମନ୍ଦିର ନିର୍ମାଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁଯାୟୀ ଅଯୋଧ୍ୟାରେ ସାଂସ୍କୃତିକ, ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଘଟିଛି । ସେଠାରେ କେବଳ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇନାହିଁ, ବରଂ ଆଧୁନିକ ସୁବିଧା ସୁଯୋଗ ମଧ୍ୟ ଉପଲବ୍ଧ ହେଉଛି ।

ଆଜି ଅଯୋଧ୍ୟା କେବଳ ଏକ ଆସ୍ଥାର କେନ୍ଦ୍ର ନୁହେଁ, ବରଂ ଧାର୍ମିକ ପର୍ଯ୍ୟଟନ, ସଂଯୋଗୀକରଣ ଏବଂ ନିଯୁକ୍ତି ସୁଯୋଗ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି । ଭାରତର ସଭ୍ୟତା, ସଂସ୍କୃତି ଓ ଐତିହ୍ୟର

ବିଶ୍ୱସ୍ତରୀୟ ପ୍ରତୀକ ଭାବେ ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମ ଉଭା ହୋଇଛନ୍ତି ।

## ଏସ୍‌ସି- ଆନିମଲ

ଦେଶରେ ବୁଲା ପଶୁମାନଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ ସଂପର୍କିତ ନିର୍ଦ୍ଦେଶକୁ ବିରୋଧ କରି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଦାୟର ଆବେଦନର ଶୁଣାଣି ନିମନ୍ତେ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବା ଲାଗି ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି । ପ୍ରାଧିକରଣ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କହିଛନ୍ତି ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଜାତୀୟ ରାଜପଥ ପ୍ରାଧିକରଣକୁ ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ଆଶ୍ରୟସ୍ଥଳ ନିର୍ମାଣ କରିବା କାର୍ଯ୍ୟ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଓ ପ୍ରଶାସନର ଦାୟିତ୍ୱ । ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା ଏହି ମାମଲାର ଶୁଣାଣି ପାଇଁ ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସଞ୍ଜୟ ମେହେଟ୍ଟା ଓ ଜଷ୍ଟିସ୍ ଏନ୍.ବି. ଅଞ୍ଜାରିଆଙ୍କୁ ନେଇ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବାକୁ ନ୍ୟାୟାଳୟଙ୍କୁ ଅନୁରୋଧ କରିଛନ୍ତି ।

## ସୁଦାନ ମାଇନିଂ ଇନ୍ସିଡେଣ୍ଟ୍

ସୁଦାନର ଓନି ଖଣି ଅଞ୍ଚଳ ଭୁଶୁଡ଼ିବା ଫଳରେ ୧୦ ଜଣ ଖଣି ଶ୍ରମିକଙ୍କ ମୃତ୍ୟୁହୋଇଛି । ଏଥିରେ ଅନ୍ୟ ୨୧ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଓନି ଖଣି ଅଞ୍ଚଳରେ ୫ଟି ମାଇନିଂ ସାଫ୍ଟ ଭୁଶୁଡ଼ି ପଡ଼ିବାଫଳରେ ଏଭଳି ଘଟଣା ଘଟିଛି । ସୁଦାନ ଖଣିଜ ସମ୍ବଳ କମ୍ପାନୀ ପକ୍ଷରୁ ଖଣି ଭୁଶୁଡ଼ିପଡ଼ିବା ଘଟଣା ନେଇ ସୂଚନା ଦିଆଯାଇଛି । ପ୍ରଥମେ

ଗୋଟିଏ ସାଫ୍ଟ ଭୁଶୁଡ଼ି ପଡ଼ିବା ଫଳରେ ଅନ୍ୟ ୪ଟି ମଧ୍ୟ ଭୁଶୁଡ଼ି ପଡ଼ିଥିଲା । ଫଳରେ ସେଠାରେ କାମ କରୁଥିବା ଖଣି ଶ୍ରମିକମାନଙ୍କ ଉପରେ ପଥର ଓ ମାଟି ଜମା ହୋଇ ଯାଇଥିଲା । ଖଣିର ସେହି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉଦ୍ଧାରକାରୀ ଦଳ ପହଞ୍ଚିବାରେ ପ୍ରତିବନ୍ଧକ ଦେଖାଦେଉଥିବାରୁ ବାସ୍ତବରେ କେତେ ଖଣି ଶ୍ରମିକ ନିଖୋଜ ଅଛନ୍ତି, ତାହା ଜଣାପଡ଼ି ନାହିଁ।

## ଇଣ୍ଡିଆ-ୟୁଏସ୍

ଉତ୍ତରାଖଣ୍ଡର ହୋଲିରେ ଭାରତ-ଆମେରିକା ମିଳିତ ସମରାଭ୍ୟାସ ଅନ୍ତର୍ଗତ ଯୁଦ୍ଧ ଅଭ୍ୟାସ-୨୦୨୬ ଜାରି ରହିଛି । ଭାରତୀୟ ସେନାର ସୂଚନା ଅନୁଯାୟୀ ଏହି ଅଭ୍ୟାସ କାର୍ଯ୍ୟରେ ପ୍ରଶିକ୍ଷଣ ସମେତ ଉଭୟ ଦେଶର ଯବାନମାନଙ୍କ ମଧ୍ୟରେ ଆପୋଷ ବୁଝାମଣା ଜରିଆରେ ସହଭାଗିତା ଦୃଢ଼ ହେଉଛି । ଅଭ୍ୟାସ ସମୟରେ ଉଭୟ ଦେଶର ଯବାନମାନେ ଯୁଦ୍ଧ କୌଶଳ ପ୍ରଦର୍ଶନ କରୁଛନ୍ତି ।

ଆମେରିକାର ଯବାନମାନେ ବଦ୍ରିନାଥରେ ଆୟୋଜିତ ସାଂସ୍କୃତିକ ଉତ୍ସବରେ ଯୋଗଦେଇ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଦର୍ଶନ ଦେଖିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟ ସେନା ପକ୍ଷରୁ କୁହଯାଇଛି, ଏହି ଅଭ୍ୟାସ କାର୍ଯ୍ୟ ଜରିଆରେ ଆନ୍ତଃ ପରିଚାଳନା କ୍ଷମତା ତଥା ପରିବର୍ତ୍ତିତ ପରିବେଶ ମଧ୍ୟରେ ଆହ୍ୱାନପୂର୍ଣ୍ଣ ପରିସ୍ଥିତିର ମୁକାବିଲା ଲାଗି ସୈନ୍ୟ କ୍ଷମତା ବୃଦ୍ଧି ପାଇଛି ।

## ଏସିଆନ ଗେମ୍‌ସ

ଜାପାନର ନୟୋଗାଠାରେ ଚାଲିଥିବା ଏସୀୟ କ୍ରୀଡ଼ାର ୧୦ ମିଟର ପୁରୁଷ ଏୟାର ରାଇଫଲ୍ ପ୍ରତିଯୋଗିତାରେ ଭାରତ ୨ଟି ପଦକ ଅକ୍ତିଆର

କରିଛି । ୨୫୨ ଦଶମିକ ୪ ସ୍କୋର କରି ହିମାଂଶୁ ଧିଲୋଁ ରୌପ୍ୟ ପଦକ ହାସଲ କରିଥିବା ବେଳେ ରୁଦ୍ରାଂଶ ପାଟିଲ୍ ୨୩୦ ଦଶମିକ ୯ ସ୍କୋର କରି କାଂସ୍ୟ ପଦକ ଜିତିଛନ୍ତି । ପୂର୍ବରୁ ପୁରୁଷ ୧୦ ମିଟର ଏୟାର ରାଇଫଲ୍ ଦଳଗତ ପ୍ରତିଯୋଗିତାରେ ଭାରତ ରୌପ୍ୟ ପଦକ ଜିତିଥିଲା । ଏହି ପ୍ରତିଯୋଗିତାରେ ହିମାଂଶୁ ଧିଲୋନ, ପାର୍ଥ ମାନେ ଏବଂ ରୁଦ୍ରାଂଶ ପାଟିଲ ୧୮୯୦ ଦଶମିକ ୧ ସ୍କୋର କରିଥିଲେ । ସେହିପରି ମିଳିତ ମାର୍ଶାଲ୍ ଆର୍ଟସ୍‌ରେ ସୂଚିକା ତରିଆଲ୍ ସିଙ୍ଗାପୁରର ହ୍ୱି ହୁଁ ତୋୟେ ଙ୍କ ଠାରୁ ମହିଳା ୬୦ କିଲୋଗ୍ରାମ ସେମିଫାଇନାଲ୍ ଶୂନ୍ ୨ରେ ପରାସ୍ତ ହୋଇ କାଂସ୍ୟପଦକ ହାସଲ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏସୀୟ କ୍ରୀଡ଼ାରେ ପୁରୁଷ ୧୦ ମିଟର ରାଇଫଲ୍ ଦଳଗତ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ହିମାଂଶୁ, ରୁଦ୍ରାଂଶ ଏବଂ ପାର୍ଥ ଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେଶକୁ ଗୌରବାନ୍ୱିତ କରିଛି ।

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ମାର୍ଶାଲ୍ ଆର୍ଟସ୍‌ରେ କାଂସ୍ୟ ପଦକ ଜିତିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଏସୀୟ କ୍ରୀଡ଼ାରେ ପ୍ରଥମଥର ପାଇଁ ଭାରତ ମିକ୍ସଡ ମାର୍ଶାଲ୍ ଆର୍ଟସ୍‌ରେ ପଦକ ଜିତି ଇତିହାସ ସୃଷ୍ଟି କରିଛି । ଡକ୍ଟର ମାଣ୍ଡବ୍ୟ ମଧ୍ୟ ପୁରୁଷ ୧୦ ମିଟର ରାଇଫଲ୍ ଦଳଗତ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜେତା ରୁଦ୍ରାଂଶ, ପାର୍ଥ ଏବଂ ହିମାଂଶୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

..........................................................................

# ପାଣିପାଗ

ପାଣିପାଗ ବିଭାଗ ଓଡ଼ିଶା ସମେତ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ତାମିଲନାଡୁ, ପୁଡୁଚେରୀ ଓ ତେଲଙ୍ଗାନାରେ ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରିଛି । ସେହି ସମୟ ମଧ୍ୟରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, କର୍ଣ୍ଣାଟକ ଏବଂ ମଧ୍ୟ-ମହାରାଷ୍ଟ୍ରରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଓଡ଼ିଶା ସମେତ ଅନ୍ୟ କେତେକ ରାଜ୍ୟରେ ଆସନ୍ତାକାଲି ପର୍ଯ୍ୟନ୍ତ ପବନ ବହିବା ସହ ବର୍ଷା ସମ୍ଭାବନା ରହିଥିବା ବିଭାଗ ପୂର୍ବାନୁମାନ କରିଛି । ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

---